# ସଂସ୍କାରରୁ ଜଣାପଡ଼ିଥାଏ ଶିକ୍ଷା

**ସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ହୋଇ ରହୁଥିବା ଜଣେ ମେଧାବୀ ଛାତ୍ର ସମାଜ ପାଇଁ କିଛି କରିବା ଆଉ ଆଗାମୀ ପିଢ଼ି ତା'ର ସୁଫଳ ପାଇବେ ସେ ସମସ୍ତ ପରିକଳ୍ପନା ମଧ୍ୟରେ ପୁରୁଣା କାଳର ଗୁରୁକୁଳ ଶିକ୍ଷା ବିଂଶ ଶତାବ୍ଦୀରେ ଟାଇମ୍ସ ଗୁରୁକୁଳ ନାମରେ ଏକ ଆଧୁନିକ ଗୁରୁକୁଳ ଶିକ୍ଷାନୁଷ୍ଠାନର ଆରମ୍ଭ ହୋଇଥିଲା। ବହୁ ଘାତପ୍ରତିଘାତ ମଧ୍ୟରେ ସେ ତାଙ୍କର ସ୍ୱପ୍ନର ଅନୁଷ୍ଠାନକୁ ଶିଖରରେ ପହଞ୍ଚାଇବାରେ ପ୍ରାୟ ସଫଳ ହୋଇଥିବା ବେଳେ ବର୍ତ୍ତମାନ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। ସେହି ଆଧୁନିକ ଗୁରୁକୁଳ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଶାରଦା ପ୍ରସାଦ ମିଶ୍ରଙ୍କ ସହ ଧରିତ୍ରୀର ବିଶେଷ ବାର୍ତ୍ତାଳାପ...**



ଡ. ଶାରଦା ପ୍ରସାଦ ମିଶ୍ର

**ପ୍ର- ସାମାଜିକ କାର୍ଯ୍ୟକଳାପରୁ ଶିକ୍ଷାନୁଷ୍ଠାନର ପରିକଳ୍ପନା କିଭଳି ସୃଷ୍ଟି ହୋଇଥିଲା?**

ଉ- ଭୁବନେଶ୍ୱରରେ ଜନ୍ମ ହୋଇଥିବାରୁ ସହର ଆମ ପାଇଁ ବେଶ୍ ପରିଚିତ ଥିଲା। ଏଠାରେ ପାଠପଢ଼ା ସାଙ୍ଗକୁ ଉଭୟ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମରେ ମୁଁ ଓତପ୍ରୋତ ଭାବେ ଜଡ଼ିତ ହେଉଥିଲି। ଏପରିକି ସମୟ କ୍ରମେ ମନରେ କିଛି ନୂଆ କରିବାର ଆଶା ଓ ଆକାଂକ୍ଷାରୁ ସୃଷ୍ଟି ହୋଇଥିଲା ଏକ ଭିନ୍ନ ଧରଣର ଶିକ୍ଷାନୁଷ୍ଠାନର ପରିକଳ୍ପନା। ବିଂଶ ଶତାବ୍ଦୀରେ ବିଗିଡ଼ିଯାଉଥିବା ଶିକ୍ଷାକୁ ଭିନ୍ନ ଏକ ପରିଭାଷାରେ ପ୍ରତିଷ୍ଠା କରିବାର ଲକ୍ଷ୍ୟରେ ସୃଷ୍ଟି ହୋଇଥିଲା ସହରର ପ୍ରଥମ ଗୁରୁକୁଳଭିତ୍ତିକ ଶିକ୍ଷାନୁଷ୍ଠାନ। ବହୁ ଘାତପ୍ରତିଘାତ ଓ କଠିନ ପରିଶ୍ରମ ପରେ ଆରମ୍ଭ ହୋଇଥିଲା ଗୁରୁକୂଳ ଶିକ୍ଷାଦାନ।

**ପ୍ର- ବର୍ତ୍ତମାନର ଶିକ୍ଷା ପଦ୍ଧତି ଆଜିର ଛାତ୍ର ସମାଜ ପାଇଁ କେତେ ଉପଯୋଗୀ ?**

ଉ- ବର୍ତ୍ତମାନର ଶିକ୍ଷାଦାନ ଭିନ୍ନ ଏକ ମାନସିକତାରେ ଅଗ୍ରସର ହେଉଛି। ଉଭୟ ଶିକ୍ଷାନୁଷ୍ଠାନ ଓ ଅଭିଭାବକ ନମ୍ବର ପଛରେ ପଡ଼ିଛନ୍ତି। କେବେ ଭାବି ନାହାନ୍ତି ବର୍ତ୍ତମାନ ସମୟ ପାଇଁ ଶିକ୍ଷା ଯେତିକି ପରିମାଣର ଆବଶ୍ୟକ ଓ ଦକ୍ଷତା ବୃଦ୍ଧି ମଧ୍ୟ ସମପରିମାଣରେ ଆବଶ୍ୟକ ହୋଇଥାଏ। ହେଲେ ସର୍ବୋପରି ପାଠ ସହ ଭଲ ମଣିଷ ହେବାକୁ ପ୍ରାୟ ଅଭିଭାବକ ଇଚ୍ଛା ପ୍ରକାଶ କରିଥାନ୍ତି। ଆଗାମୀ ଦିନରେ ମଧ୍ୟ ଶିକ୍ଷାର ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି, ନଚେତ୍ ନମ୍ବର ପଛରେ ପଡ଼ି ପିଲାର ଭବିଷ୍ୟତ ଅନ୍ଧାର ହୋଇଯିବ। ସେ ଯେଉଁ ଶିକ୍ଷା ପ୍ରତି ଅଧିକ ଇଚ୍ଛା ପ୍ରକାଶ କରୁଛି ତାକୁ ସେହି ଶିକ୍ଷା ପ୍ରଦାନ କରିବାକୁ ହେବ।

**ପ୍ର- ଜାତୀୟ ଶିକ୍ଷା ନୀତିକୁ କିଭଳି ଦେଖୁଛନ୍ତି? ଏହା ବିଶେଷ କରି ଓଡ଼ିଶାରେ କିଭଳି ପ୍ରଭାବ ପକାଇବ ବୋଲି ଭାବୁଛନ୍ତି?**

ଉ- ଦୀର୍ଘ ବର୍ଷର ପାଠପଢ଼ା ଶେଷକରି ପିଲାଟି ଶେଷରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିଥାଏ। ହେଲେ ବର୍ତ୍ତମାନ ଯେଉଁ ଜାତୀୟ ଶିକ୍ଷାନୀତି ବିଷୟରେ ଚର୍ଚ୍ଚା ହେଉଛି, ତାହା ଏକ ପ୍ରକାର ଭିନ୍ନ ରହିଛି। ସେଥିରେ ସବୁ କ୍ଷେତ୍ରର ବିକାଶ ହୋଇପାରିଲା ଭଳି ଶିକ୍ଷା ପଦ୍ଧତିକୁ ପ୍ରଚଳନ କରାଇବାର ବ୍ୟବସ୍ଥା ରହିଛି। ଯେ ପର୍ଯ୍ୟନ୍ତ ତାହା ଲାଗୁ ନ ହୋଇଛି, ସେ ବିଷୟରେ ବିସ୍ତୃତ ଆଲୋକପାତ କରିବା ବାହୁଲ୍ୟ ହେବ ବୋଲି ମୁଁ ଜଣେ ଶିକ୍ଷାବିତ୍ ଭାବେ ଆଶା କରୁଛି।

**ପ୍ର- ଟିଏସ୍‌ଜି ଗୁରୁକୁଳ କ'ଣ ପାଇଁ ସ୍ୱତନ୍ତ୍ର ଓ କାହିଁକି ଜଣେ ଅଭିଭାବକ ରାଜ୍ୟର ଅନ୍ୟ ଶିକ୍ଷାନୁଷ୍ଠାନ ଛାଡ଼ି ଏଠାରେ ପଢ଼ାଇବେ?**

ଉ- ଶିକ୍ଷାନୁଷ୍ଠାନ ତ ସବୁ ସମାନ, ହେଲେ କେଉଁଠି କିଛି କିଛି ଭିନ୍ନତା ରହିଥାଏ। ହେଲେ ଟିଏସ୍‌ଜି ଗୁରୁକୁଳ ରାଜ୍ୟରେ ଏଭଳି ଏକ ଘରୋଇ ଶିକ୍ଷାନୁଷ୍ଠାନ, ଯାହା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ ସହ ତୁଳନା କରି ନ ଥାଏ। କାରଣ ଏଠାରେ ଖାଲି ଯେ ପାଠପଢ଼ା ହୁଏ କିମ୍ବା ଅନ୍ୟ ସ୍କୁଲ ଭଳି ବୋର୍ଡିଂ କିମ୍ବା ଡେ ବୋର୍ଡିଂର ସେବା ଓ ସୁବିଧା ଯୋଗାଇ ଦିଆଯାଏ ନାହିଁ। ଏପରି କି ପିଲା ପ୍ରଥମେ ଅନୁଭବ କରିଥାଏ ଯେ ତା'ର ଆଉ ଗୋଟିଏ ଘର ମଧ୍ୟ ଅଛି। ବିଶେଷକରି ପିଲାର ଶିକ୍ଷାଠାରୁ ଆରମ୍ଭ କରି ସଂସ୍କୃତି ଏବଂ ଆଚରଣ ଓ ଉଚ୍ଚାରଣର ବିକାଶ ସାଙ୍ଗକୁ ନିଜର ଦକ୍ଷତା କ୍ଷେତ୍ରରେ ମଧ୍ୟ ପରିପ୍ରକାଶ ପାଇଁ ଆବଶ୍ୟକ ସୁବିଧା ଏଠାରେ ମିଳିଥାଏ। ସେହିଭଳି ଅନ୍ୟ ସ୍କୁଲ ଭଳି ପରୀକ୍ଷାରେ ମଧ୍ୟ ଭଲ ଫଳାଫଳ ହାସଲ କରିବା ପାଇଁ ଆବଶ୍ୟକ ପରିଶ୍ରମ ଉଭୟ ପିଲା ଓ ଶିକ୍ଷକ ମିଳିତ ଭାବେ ପ୍ରୟାସ କରିଥାନ୍ତି, ଯାହା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ ନ ଥିବ। ଏପରି କି ଉଚ୍ଚଶିକ୍ଷା ପରେ ପିଲା ଜଣେ ସଂସ୍କାରୀ ମଣିଷ ଭାବେ ଦୁନିଆରେ ପରିଚିତ ହୋଇଥାଏ। ଏଭଳି ଅନେକ ଉଦାହରଣ ରହିଛି, ଯେଉଁଥିପାଇଁ ଅଭିଭାବକ ଜଣକ ତା'ର ପିଲାକୁ ବିନା କୌଣସି ବାଧାରେ ଆମ ପାଖରେ ଛାଡ଼ି ଦେଇଯାଇଥାଏ।

**ପ୍ର- ପ୍ରତିଯୋଗିତାମୂଳକ ବଜାରରେ ଏଭଳି ଏକ ଭିନ୍ନ ଧରଣର ପ୍ରତିଷ୍ଠାନକୁ କିଭଳି ପରିଚାଳିତ କରୁଛନ୍ତି?**

ଉ- ବର୍ତ୍ତମାନ ସବୁ କ୍ଷେତ୍ରରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହା ମଧ୍ୟରେ ପ୍ରତିଷ୍ଠାନକୁ ପରିଚାଳନା କରିବା କଷ୍ଟକର ହେଲେ ମଧ୍ୟ ଏକ ଭିନ୍ନ ପରିବେଶ ଓ ଶିକ୍ଷା ପ୍ରତି ରହିଥିବା ଦୁର୍ବଳତା ଯୋଗୁ ତାହା ଆଗକୁ ଆଗକୁ ବଢ଼ିଚାଲିଛି।

**ପ୍ର- ଆଗାମୀ ଦିନର କାର୍ଯ୍ୟକ୍ରମ ଓ ଯୋଜନା କ'ଣ ରହିଛି?**

ଉ- ମଣିଷର ମନ ସର୍ବଦା ବିଚଳିତ ହୋଇଥାଏ। ଏପରି କି ସେ ବହୁତ କିଛି କରିବାର ଆଶା କରିଥିଲେ ମଧ୍ୟ ତାହା ଆଶାରେ ରହିଯାଏ। କେତେକ ଆଶା ପୂରଣ ହେଲେ ମଧ୍ୟ ମନର ଆକାଂକ୍ଷା ପୂରଣ ହୋଇ ନ ଥାଏ। ବର୍ତ୍ତମାନ ଟାଇମ୍ସ ଗ୍ରୁପ୍ ଟିଏସ୍‌ଜି ଗୁରୁକୁଳ ସ୍କୁଲ ଏବଂ ସାଇ ସବୁରୀ ନର୍ସିଂ ଆଣ୍ଡ ହେଲ୍‌ଥ ସାଇନ୍ସ କଲେଜ ସାଙ୍ଗକୁ ଏକ ମଧ୍ୟମ ବର୍ଗର ଚିକିତ୍ସାଳୟ ସାଇ ସବୁରୀ ହସ୍ପିଟାଲ ମଧ୍ୟ ରହିଛି। ସେସବୁର ବିକାଶ ଓ ସଫଳତା ପାଇଁ ଆବଶ୍ୟକ ଭିତ୍ତିଭୂମିର ଉନ୍ନତୀକରଣ କରାଯାଉଛି। ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମନୋରମ ପରିବେଶ ମଧ୍ୟରେ ଶାନ୍ତିନିକେତନ ବା ପ୍ଲିଜାଣ୍ଟ ହୋମ୍ ପ୍ରତିଷ୍ଠା କରି ସବୁ ବର୍ଗର ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି।

# ଚାଷୀଙ୍କ ବିକାଶ ସମ୍ପର୍କରେ ଆଲୋଚନା



ଚଷା ସମାଜ ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ତାଳଚେର, ୨୦।୨ (ନି.ପ୍ର.)**

କେନ୍ଦ୍ରୀୟ ଚଷା ସମାଜ ତାଳଚେରର ୮ମ ବାର୍ଷିକ ସମ୍ମିଳନୀ ସାଉଥ ବଲଣ୍ଡାସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ମକୁନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ଅଜୟ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଉପେନ୍ଦ୍ର କୁମାର ପରିଡା, ଅନ୍ୟତମ ବିଶିଷ୍ଟ ଅତିଥି ଭାବେ କଣିହାଁ କଲେଜର ପୂର୍ବତନ ପ୍ରାଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅନ୍ୟତମ ଅତିଥି ଭାବେ ପବିତ୍ର ମୋହନ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ ଯୋଗଦେଇ ତାଳଚେରର ବିକାଶ ଓ ଚାଷୀର ବିକାଶ ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ପାଞ୍ଚ ଅଞ୍ଚଳର ସଭାପତି/ସମ୍ପାଦକଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଚଷା ସଭ୍ୟ ଯୋଗଦାନ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ବିବରଣୀ ପାଠ କରିଥିବାବେଳେ ସାମାଜିକ କର୍ମୀ ଚିତ୍ତରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଚୈତନ୍ୟ ପ୍ରଧାନ ଅତିଥି ପରିଚୟ ଦେଇଥିବାବେଳେ କୋଷାଧ୍ୟକ୍ଷ ବିନୋଦ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅନୁଗୋଳର ୪ ଖେଳାଳି ଜାତୀୟସ୍ତରକୁ ମନୋନୀତ

**ଅନୁଗୋଳ ଅଫିସ, ୨୦।୨**



ଜାତୀୟସ୍ତରରେ ହେବାକୁ ଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତା ନିମନ୍ତେ ଅନୁଗୋଳ ଜିଲାରୁ ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଅନୁଗୋଳରେ ଖୁସିର ଲହରି ଖେଳିଯାଇଛି। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ (OSBA) ଦ୍ୱାରା ପ୍ରକାଶିତ ୧୨ ଜଣିଆ ଖେଳାଳି ତାଲିକାରେ ଅନୁଗୋଳ ଜିଲାରୁ ଅବିନାଶ ମହାନ୍ତି, ଅନୁଜା ଦାଶ ମହାପାତ୍ର, ଅମ୍ଲାନ କେଶରୀ ଗଡ଼ନାୟକ ଓ ତନ୍ମୟ କୁମାର ସାହୁ ସ୍ଥାନ ପାଇଛନ୍ତି। ଅବିନାଶ ଓ ଅନୁଜା ଏଥିପୂର୍ବରୁ ଜାତୀୟସ୍ତର ପାଇଁ ଯୋଗ୍ୟତା ହାସଲ କରିଥିଲେ। ତେବେ ପ୍ରଥମ ଥର ପାଇଁ ଜିଲାର ଅମ୍ଲାନ ଓ ତନ୍ମୟ ଜାତୀୟସ୍ତରକୁ ମନୋନୀତ ହୋଇଥିବାରୁ ଅନୁଗୋଳ ବ୍ୟାଡମିଣ୍ଟନ ଖେଳାଳିମାନଙ୍କ ତରଫରୁ ସେମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯିବା ସହିତ ସଫଳତା କାମନା କରାଯାଇଛି।

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ

**ବଇଣ୍ଡା, ୨୦।୨ (ଡି.ଏନ.ଏ.)**

କିଶୋରନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଡାଳପକା ଗ୍ରାମର ପ୍ରମୋଦ ପ୍ରଧାନ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ରବିବାର ଥାନାରେ ସମ୍ପୃକ୍ତା ଯୁବତୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୧/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରମୋଦଙ୍କୁ ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ଯୁବତୀଙ୍କୁ ପ୍ରମୋଦ ୨ ବର୍ଷ ହେବ ଭଲପାଇ ଆସୁଥିଲେ। ପ୍ରମୋଦ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପ୍ରମୋଦ ବିବାହ ନ କରି ଅନ୍ୟ ଏକ ଝିଅକୁ ବିବାହ କରିବା ପାଇଁ ପ୍ରସ୍ତୁତ ହେଉଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି।

# ୭୬ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା, ୨୦।୨ (ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପାଠାରେ ସୋମବାର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୋନାଲି ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ଲବ ସଭାପତି କିଶୋର ଚନ୍ଦ୍ର ଦାସ, ସମ୍ପାଦକ ବିଶ୍ୱଜିତ ସାହୁ, ସନ୍ତୋଷ କୁମାର ସାହୁ, ନଗେନ ସାହୁ, ବିଚିତ୍ରା ସାମଲ, ଦେବୀ ମିଶ୍ର, ଆୟେସ ଖାଁ, ସଞ୍ଜିତ ମିଶ୍ର, ପ୍ରଦୀପ ବେହେରା, ସୂର୍ଯ୍ୟମଣି ସାହୁ, ଟୁନା ବିଶ୍ୱାଳ, ଅନିଲ ସାହୁ, ବିଭୂତି ସାହୁ, ତରୁଣ ସାହୁ, ବାଳକୃଷ୍ଣ ପ୍ରଧାନ, ଅସୀମ ଜେନା, ଦାମୋଦର ସାହୁ, ଆନୁକୂଲ୍ୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଯୁବତୀଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। ମୋଟ୍ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଅନୁଗୋଳ ବ୍ଲଡ ବ୍ୟାଙ୍କ କର୍ମଚାରୀମାନେ ଶିବିରରେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିମାନେ।

# ଶିକ୍ଷା ମଣିଷକୁ ଭଲ ବାଟ ଦେଖାଏ




ରଣିଆକଟା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା, ୨୦।୨ (ଡି.ଏନ.ଏ.)**

ଶିକ୍ଷା ମଣିଷକୁ ଭଲ ବାଟ ଦେଖାଏ। ତେଣୁ ପ୍ରାଥମିକ ସ୍ତରରୁ ଛାତ୍ରୀଛାତ୍ରମାନେ ଶିକ୍ଷାକୁ ଭଲ ଭାବେ ଗ୍ରହଣ କରିପାରିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ। କିଶୋରନଗର ବ୍ଲକ ରଣିଆକଟା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବରେ ସୋମବାର ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ମୁଖ୍ୟବକ୍ତା ଭାବେ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଅନ୍ୟତମ ଅତିଥି ଭାବେ ବିଡିଓ ବିନୋଦ ବିହାରୀ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ଦାସରଥି ଶୁଣ୍ଢୀ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଶିକ୍ଷାବିତ୍ ନନ୍ଦ କିଶୋର ମହାକୁଡ଼, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ଆଠମଲ୍ଲିକ ବ୍ଲକ ବନମାଳୀପୁର ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ବଗର୍ତ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ରାଜେନ୍ଦ୍ର ରେଡି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ଆନ୍ଦୋଳନ

**କଣିହାଁ, ୨୦।୨ (ଡି.ଏନ.ଏ.)**

କଣିହାଁ ବ୍ଲକ ଗଦାଶିଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ସୋମବାର ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଗଦାଶିଳା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧୭୨ ଛାତ୍ରୀଛାତ୍ର ପଢୁଥିବା ବେଳେ ୫ଜଣ ଶିକ୍ଷକ ଅଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ କ୍ଲଷ୍ଟର ଦାୟିତ୍ୱରେ ବ୍ୟସ୍ତ ରହୁଥିବାରୁ ପାଠ ପଢାରେ ଅସୁବିଧା ହେଉଛି। ନିକଟସ୍ଥ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁପାତରେ ଶିକ୍ଷକ ରହିଥିବା ବେଳେ ଗଦାଶିଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ତେଣୁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

# ୩୧୫ ଅଭିଯୋଗର ଶୁଣାଣି

**ଛେଣ୍ଡିପଦା,୨୦।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିବିକ୍ରମ କୁମରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ୍ ୩୧୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୫ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। କେତେକ ଅଭିଯୋଗପତ୍ରକୁ ଗ୍ରହଣ କରାଯିବା ସହ ଯଥାଶୀଘ୍ର ଫଇସଲା କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ କୁମାର ମିଶ୍ର, ଉପଜିଲାପାଳ ବୈତୁରା ଦୀପ, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲଳିତମୋହନ ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ଜିଲାର ସମସ୍ତ ବିଭାଗର ଅଧିକାରୀଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ପ୍ରଶାସନିକ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ତାଲିମ, ନିଯୁକ୍ତି ସମ୍ପର୍କରେ ପରାମର୍ଶ

**ବଅଁରପାଳ, ୨୦।୨ (ଡି.ଏନ.ଏ.)**

ବଅଁରପାଳ ବ୍ଲକ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ପରାମର୍ଶଦାତା ଶିବିର ପାଞ୍ଚଗଡ ସୋମନାଥ ସିଂ ଜଗଦ୍ଦେବ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ କୁମାର ନାଥ, ସମ୍ମାନିତ ଅତିଥି ଭାବେ ବିଡିଓ ଏଲିଜା ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲିଲି ଦାସ, ଜିଲା ପରିଷଦ ସଦସ୍ୟ ଗୋପାଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ସୁବ୍ରତ କୁମାର ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଡିଓ ମିଶ୍ର ଓ ଜିଲା ନିଯୋଜନ ଅଧିକାରୀ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଅବଗତ କରାଇଥିଲେ। କେଉଁ ଶିକ୍ଷା ତାଲିମ ନେଲେ ଛାତ୍ରୀଛାତ୍ରମାନେ ନିଯୁକ୍ତି ପାଇବେ, ତାହା ବିସ୍ତୃତ ଭବେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତାଲିମ ପ୍ରଦାନକାରୀ ସଂସ୍ଥା, ଆଇଟିଆଇ ଓ ବୈଷୟିକ ଶିକ୍ଷା ଅନୁଷ୍ଠାନର ଅଧିକାରୀମାନେ ଉପସ୍ଥିତ ରହି ପିଲାମାନଙ୍କୁ ତାଲିମ ବିଷୟରେ ପରାମର୍ଶ ଦେଇଥିଲେ।

# ଖଣି କାର୍ଯ୍ୟ ରୋକିଲେ କ୍ଷତିଗ୍ରସ୍ତ

## ନିଯୁକ୍ତି, ଥଇଥାନ ଓ କ୍ଷତିପୂରଣ ଦାବି

**ଛେଣ୍ଡିପଦା,୨୦।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତର ରାଇଝରଣ, କାଉଁଶିପ, ଗୋଳାଗାଡିଆ, ଧୋବାମଳିହା ଗ୍ରାମବାସୀ ନାଲ୍‌କୋ ପାଇଁ କୋଇଲା ଖନନ କରୁଥିବା ଘରୋଇ କମ୍ପାନୀରେ ନିଯୁକ୍ତି, କ୍ଷତିପୂରଣ ଓ ଥଇଥାନ ଦାବିରେ ସୋମବାର ଆନ୍ଦୋଳନ କରିଛନ୍ତି। ଫଳରେ ଖଣି କାର୍ଯ୍ୟ ବନ୍ଦ ରହିଛି।

ପଞ୍ଚାୟତବାସୀ କହିଛନ୍ତି, ରାଇଝରଣ ପଞ୍ଚାୟତରେ ଥିବା ଉତ୍କଳ-ଡି କୋଲ୍ ବ୍ଲକକୁ ସରକାର ନାଲ୍‌କୋକୁ ପ୍ରଦାନ କରିଛନ୍ତି। ନାଲ୍‌କୋ ପକ୍ଷରୁ ଏକ ଘରୋଇ କମ୍ପାନୀ ଦ୍ୱାରା ଖଣିରୁ ମାଟି ଓ କୋଇଲା ଖନନ କାର୍ଯ୍ୟ କରାଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୬୦ ଭାଗ ଜମିହରା ପ୍ରଜା କ୍ଷତିପୂରଣ ରାଶି ପାଇପାରିନାହାନ୍ତି। ଏଥିସହ ନାଲ୍‌କୋ କିମ୍ବା ଉକ୍ତ ଘରୋଇ କମ୍ପାନୀରେ କୌଣସି କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳିନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଜମିହରା ପ୍ରଜାଙ୍କୁ ଅଣଦେଖା କରାଯାଇ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ତେଣୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ, ସମ୍ପୂର୍ଣ୍ଣ ପଞ୍ଚାୟତରେ ପାଣି ସିଞ୍ଚନ, ପିଇବା ପାଣି ଯୋଗାଣ, ବିଦ୍ୟାଳୟ, କୋଠଘର, ମନ୍ଦିର ଆଦିର ଉନ୍ନତୀକରଣ, ସ୍ୱାସ୍ଥ୍ୟ ଶିବିର, ଗ୍ରାମର ରେକର୍ଡଭୁକ୍ତ ଜଙ୍ଗଲକୁ ଅଧିଗ୍ରହଣ କରାଯାଉ ନଚେତ ଜଙ୍ଗଲକୁ ରାସ୍ତା ଦିଆଯାଉ ଆଦି ଦାବି ନେଇ ପଞ୍ଚାୟତବାସୀ ରାଇଝରଣ ଗ୍ରାମ ସଭାପତି ଲମ୍ବୋଦର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ ଓ ପତିତପାବନ ଦେହୁରୀଙ୍କ ନେତୃତ୍ୱରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଶେଷକରି କମ୍ପାନୀ ଦ୍ୱାରା ଦିଆଯାଉଥିବା ଅନୁକମ୍ପା ରାଶିର ସ୍ୱଳ୍ପ ମୂଲ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରାହ୍ନରେ ଏସ୍‌ଡିପିଓ ରମାକାନ୍ତ ମହାଳିକ ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ପ୍ରଶାନ୍ତ ସିଂ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ଗ୍ରାମବାସୀ ବୈଠକ କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରିବେ ବୋଲି ନିଶା ଥାନା ଆଇଆଇସି ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି।



ଖଣି କ୍ଷତିଗ୍ରସ୍ତ ପ୍ରଜାମାନେ ଆନ୍ଦୋଳନ କରୁଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

**ଭୁବନ, ୨୦।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ରାମକୃଷ୍ଣପୁର ଛକ ନିକଟରେ ସୋମବାର ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଭୂଷଳ ପଞ୍ଚାୟତ ବାଘମାରୀ ଗ୍ରାମର ପ୍ରଫୁଲ୍ଲ ମଲିକ (୬୫)। ସେ ସାଇକେଲରେ ଘରକୁ ଫେରୁଥିବାବେଳେ ପଛପଟୁ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ନିଯୁକ୍ତି ପରାମର୍ଶ ମେଳା

**ଢେଙ୍କାନାଳ ଅଫିସ, ୨୦।୨:** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ସମିତିସଭ୍ୟ କାର୍ତ୍ତିକ ସାହୁ, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲା ନିଯୋଜନ ଅଧିକାରୀ କେ. ରୋଜା ଦୋରା, ମଡେଲ କ୍ୟାରିୟର ସେଣ୍ଟର ପରାମର୍ଶଦାତା ସଙ୍ଗୀତା ଦାସ, ଋତୁପର୍ଣ୍ଣା ଦାସ, ପଲ୍ଲବୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ୧୨ଟି ସରକାରୀ ଓ ବେସରକାରୀ ସଂସ୍ଥାର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପରାମର୍ଶ ଦିଆଯାଇଥିଲା। ୧୬୭ଜଣ ଆଶାୟୀ ସେମାନଙ୍କ ନାମ ପଞ୍ଜୀକରଣ କରାଇଥିଲେ।

# ‘ଯାଯାବର’ଙ୍କ ପାଇଁ ସ୍ଥିତି ଜଟିଳ

- ବାହାର ଜିଲା ହାତୀଙ୍କୁ ନେଇ ବଢ଼ୁଛି ଚିନ୍ତା
- ଜନବସତି ଛାଡୁନାହାନ୍ତି, ହିଂସ୍ର ହେଉଛନ୍ତି



**ଢେଙ୍କାନାଳ ଜିଲାର ଥଣ୍ଡା ଜଳବାୟୁ ବର୍ଷ ବର୍ଷ ଧରି ବାହାର ହାତୀଙ୍କୁ ଆକର୍ଷିତ କରିଆସିଛି। ହେଲେ ଥରେ ସୀମାରେ ପ୍ରବେଶ କଲେ ସେମାନେ ନିଜ ପ୍ରାକୃତିକ ଆବାସସ୍ଥଳୀକୁ ଆଉ ଫେରୁନାହାନ୍ତି। ସଂରକ୍ଷିତ ଜଙ୍ଗଲରେ ସ୍ଥାନୀୟ ହାତୀପଲ ସହ ସଂଘର୍ଷ ଭୟ ଏବଂ ଭୌଗୋଳିକ ସ୍ଥିତି ସହ ଖାପଖୁଆଇ ପାରୁ ନ ଥିବାରୁ ଅନେକ ସମୟରେ ଗୋଠରୁ ଅଲଗା ହୋଇ ଏକାକୀ ବିଚରଣ କରୁଛନ୍ତି। ଖାଦ୍ୟ ଲୋଭରେ କେତେବେଳେ ଚାଷଜମି ତ ଆଉ କେବେ ଜନବସତିରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବା ବାହାର ଜିଲାର ଏଭଳି ‘ଯାଯାବର’ ହାତୀଙ୍କ ପାଇଁ ଏବେ ବିଭିନ୍ନ ସ୍ଥାନରେ ସୃଷ୍ଟି ହେଉଛି ଅପ୍ରୀତିକର ସ୍ଥିତି, ଯାହା ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି।**

**ଢେଙ୍କାନାଳ ଅଫିସ, ୨୦।୨**

ଓଡ଼ିଶାର ଶିମିଳିପାଳ ପରେ ହାତୀସଂଖ୍ୟାରେ ଦ୍ୱିତୀୟ ସ୍ଥାନରେ ରହିଛି ଢେଙ୍କାନାଳ। ଏଠାରେ ହାତୀ-ମଣିଷ ସଂଘର୍ଷ ମଧ୍ୟ କିଛି କମ୍ ନୁହେଁ। ଗଜ ଉପଦ୍ରବ ରୋକିବା ଲାଗି ଅଧ ଡଜନରୁ ଊର୍ଦ୍ଧ୍ୱ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଭଳି ସ୍ଥିତିରେ ଏବେ ପଡ଼ୋଶୀ ଜିଲାର ‘ଯାଯାବର’ ହାତୀଙ୍କ ପାଇଁ ଚିନ୍ତା ବଢ଼ିଛି।

ଢେଙ୍କାନାଳ ଜିଲାରେ ଏବେ ୩୦୦ ହାତୀ ଅଛନ୍ତି। ତନ୍ମଧ୍ୟରୁ ସୀମାନ୍ତ କଟକ ଜିଲାର ଆଠଗଡ଼ ବନଖଣ୍ଡ, ଯାଜପୁର, କେନ୍ଦୁଝର, ଅନୁଗୋଳ ଏବଂ ଖୋର୍ଦ୍ଧାର ଚନ୍ଦକାରୁ ଆସିଥିବା ହାତୀସଂଖ୍ୟା ୧୫୦। ଏବେ ଧାନ ଅମଳ ସରିଯାଇଥିବାରୁ ପ୍ରବାସୀ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଅତ୍ୟଧିକ ହିଂସ୍ର ହୋଇ ଉଠିଛନ୍ତି। ଜଙ୍ଗଲାଭିମୁଖୀ ହେବା ବଦଳରେ ସେମାନେ ଜନବସତି ସମେତ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଡେରା ପକାଇଛନ୍ତି। ନଦୀରୁ ପାଣି ପିଇ ୫୫ନଂ. ଜାତୀୟ ରାଜପଥ ନିକଟବର୍ତ୍ତୀ ସ୍ଥାନରେ ବିଚରଣ କରୁଛନ୍ତି। ସଞ୍ଜ ଗଡ଼ିଲେ ବାଡ଼ିବଗିଚାରେ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ପ୍ରତିରୋଧ କଲେ ଆକ୍ରମଣ କରିବାକୁ ଗୋଡ଼ାଉଛନ୍ତି। ଅନ୍ୟପଟେ ରେଳଧାରଣା ନିକଟରେ ଦଳବଦ୍ଧ ହୋଇ ବୁଲୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ମଧ୍ୟ ରହୁଛି।

‘ଯାଯାବର’ ଭଳି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୂରି ବୁଲୁଥିବା ଏବଂ ଅତ୍ୟଧିକ ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବାରୁ ବାହାର ହାତୀଙ୍କ ଉପଦ୍ରବରୁ କିପରି ଧନଜୀବନକୁ ସୁରକ୍ଷା କରାଯିବ ତାହାକୁ ନେଇ ବନ ବିଭାଗର ଚିନ୍ତା ବଢ଼ିଛି। ସ୍ୱଳ୍ପ କର୍ମଚାରୀଙ୍କୁ ନେଇ ସେମାନଙ୍କୁ ଘଉଡ଼ାଇବା ମଧ୍ୟ ସହଜ ହେଉନାହିଁ। ଅନେକ ସମୟରେ ଆଇନଶୃଙ୍ଖଳା ସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଜିଲାରେ ହାତୀ ଉପଦ୍ରବ ରୋକିବା ଲାଗି କେନ୍ଦ୍ର କିମ୍ବା ରାଜ୍ୟ ସରକାର ବିଧିବଦ୍ଧ ଭାବେ ଯୋଜନା କରୁ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗ ମଧ୍ୟ କେବଳ କ୍ଷୟକ୍ଷତିଜନିତ ରିପୋର୍ଟ ପ୍ରସ୍ତୁତ କରି ହାତ ଟେକି ଦେଉଛି। ତେଣୁ ଜିଲାରେ ହାତୀ-ମଣିଷ ସଂଘର୍ଷ ବଢ଼ିଚାଲିଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଢେଙ୍କାନାଳ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ସ୍ଥାୟୀ ଭାବେ ରହୁଥିବା ହାତୀଙ୍କ ପାଇଁ ବିଶେଷ ଚିନ୍ତା ନାହିଁ। ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ସେମାନେ ବାହାରକୁ ଖାଦ୍ୟ ଅନ୍ୱେଷଣରେ ଆସିଲେ ମଧ୍ୟ ଜଙ୍ଗଲକୁ ପଳାଉଛନ୍ତି। ହେଲେ ଜିଲା ବାହାର ହାତୀଙ୍କୁ ନେଇ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଏହି ହାତୀମାନେ ଜଙ୍ଗଲକୁ ଯାଉନାହାନ୍ତି। ଗୋଟିଏ ଗ୍ରାମରେ ଫସଲ ଖାଇବା ପରେ ଅନ୍ୟ ଗ୍ରାମ ମୁହାଁ ହେଉଛନ୍ତି। ପରଜଙ୍ଗ ଓ ମହାବିରୋଡ୍ ଅଞ୍ଚଳର ବହୁ ଚାଷୀ ଚାଷଜମି ନିକଟରେ ସୋଲାର ଫ୍ୟାନ୍ସିଂ କରିଥିବାରୁ ବାହାରୁ ଆସିଥିବା ପ୍ରାୟ ୫୦ଟି ହାତୀ ଅନୁଗୋଳ ଜିଲାକୁ ପଳାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

## ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଗୋଟିକିଆ ଦନ୍ତା

ବାହାର ଜିଲାରୁ ଢେଙ୍କାନାଳକୁ ପ୍ରବେଶ କରିଥିବା ହାତୀ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଦନ୍ତା ଦଳରୁ ଅଲଗା ହୋଇ ବିଚରଣ କରୁଛନ୍ତି। ମଣିଷଙ୍କ ପାଇଁ ସେମାନେ ବିପଦ ସାଜିଛନ୍ତି। ବିଶେଷ କରି ଜମିରେ କାର୍ଯ୍ୟରତ ଚାଷୀ ଏବଂ ନିଛାଟିଆ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ହିଂସ୍ର ଦନ୍ତା ହାବୁଡ଼ରେ ପଡ଼ିବା ଆଶଙ୍କା ଅଧିକ ରହୁଛି। ତେଣୁ ଏଭଳି ହାତୀ ବୁଲୁଥିବା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସେପଟେ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବାରୁ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

## ହିନ୍ଦୋଳ ରେଞ୍ଜ୍‌ରେ ବାର୍‌ହା ଶିକାର ବଢୁଛି

ମାଂସଲୋଭୀ ଶିକାରୀଙ୍କ ପାଇଁ ଢେଙ୍କାନାଳର ବନ୍ୟଜୀବନ ବିପଦରେ ପଡୁଛି। ବିଶେଷ କରି ହିନ୍ଦୋଳ ରେଞ୍ଜ୍‌ରେ ବାର୍‌ହା ଶିକାର ବଢ଼ିବାରେ ଲାଗିଛି। ବାର୍‌ହା ମାଂସ କେଜି ପିଛା ୨୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏଭଳି ବେଆଇନ କାର୍ଯ୍ୟ ଏବେ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ତେବେ ଶିକାରୀମାନେ ବସାଉଥିବା ଫାଶରେ ପଡ଼ି ଅନେକ ସମୟରେ ହାତୀ, କଲରାପତରିଆଙ୍କ ଜୀବନ ମଧ୍ୟ ଯାଉଛି। ନିକଟରେ ହିନ୍ଦୋଳ ରେଞ୍ଜ୍‌ରେ ବାର୍‌ହା ଫାଶରେ ପଡ଼ି ୨ଟି କଲରା ପତରିଆ ବାଘ ଜୀବନ ଯାଇଥିଲା। ଏ ସଂକ୍ରାନ୍ତରେ ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ବାର୍‌ହା ଶିକାର ବଢୁଥିବାରୁ ଅନ୍ୟ ବନ୍ୟପ୍ରାଣୀଙ୍କର ସୁରକ୍ଷା ନେଇ ଆମେ ଚିନ୍ତାଗ୍ରସ୍ତ। ଫସଲ ନଷ୍ଟ କରିବା ଏବଂ ଲୋକଙ୍କୁ ଆକ୍ରମଣ କରୁଥିବାରୁ କେନ୍ଦ୍ର ସରକାରଙ୍କ ଅନୁମତିକ୍ରମେ କେରଳ ସରକାର ବାର୍‌ହା ବଂଶ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନେଇଥିଲେ। କିନ୍ତୁ ଓଡ଼ିଶାରେ ସେଭଳି କିଛି ଯୋଜନା ନାହିଁ ବୋଲି ଡିଏଫ୍‌ଓ କହିଛନ୍ତି।

# ଦାବି ପୂରଣରେ ଟାଳଟୁଳ ନୀତିକୁ ନିନ୍ଦା



ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୦।୨**

ରାଜ୍ୟ ସରକାର ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାକୁ ତୀବ୍ର ନିନ୍ଦା କରିଛି ଢେଙ୍କାନାଳ ଶାଖା ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀଧନ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ। ଏହାର ପ୍ରତିବାଦରେ ସୋମବାର ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ୨୦୧୮ରୁ ସଂଘର କର୍ମଚାରୀମାନେ ଅବହେଳିତ ଅବସ୍ଥାରେ ଅଛନ୍ତି। ନିଯୁକ୍ତି ନିୟମରେ ସଂଶୋଧନ, ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି କରି ଡିପ୍ଲୋମା ପାଠ୍ୟକ୍ରମ ପ୍ରଚଳନ କରିବାକୁ ଦାବି କରାଯାଉଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ସରକାର ବର୍ଷିକିଆ ପାଠ୍ୟକ୍ରମ ପ୍ରଚଳନ କରିବା ସହ ମାଟ୍ରିକ୍ ପାସ୍‌ଧାରୀଙ୍କୁ ୩ ମାସିଆ ତାଲିମ ଦେଇ ‘ମୈତ୍ରୀ’ ଭାବେ ଏଲ୍‌ଆଇଙ୍କ ସ୍ଥାନରେ ନିଯୁକ୍ତି ଦେଉଛନ୍ତି। ଦାବିପୂରଣ ଦିଗରେ ଗୁରୁତ୍ୱ ନ ଦେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ସମ୍ପାଦକ ଦୀପକ ରାଉତ ଚେତାବନୀ ଦେଇଛନ୍ତି।

# ବ୍ୟାଙ୍କ ସ୍ଥାନାନ୍ତର ମସୁଧାକୁ ବିରୋଧ

**ଢେଙ୍କାନାଳ ଅଫିସ, ୨୦।୨**

ଢେଙ୍କାନାଳ ଗଣେଶ ବଜାରରେ ଥିବା ଇଣ୍ଡିଆନ୍ ବ୍ୟାଙ୍କ ଶାଖା ସ୍ଥାନାନ୍ତର ମସୁଧା ପ୍ରତିବାଦରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାକୁ ବାତିଲ କରିବା ପାଇଁ ଏମ୍‌ପି ମହେଶ ସାହୁଙ୍କ ପକ୍ଷରୁ ଜିଲାପାଳ ଓ ଇଣ୍ଡିଆନ ବ୍ୟାଙ୍କର ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ତଥାପି ଏହାକୁ ଅଣଦେଖା କରାଯାଇଥିବାରୁ ଏଭଳି ପ୍ରତିବାଦ କରାଯାଇଥିଲା।

ସୂଚନାଯୋଗ୍ୟ, ଗଣେଶ ବଜାରସ୍ଥିତ ଉକ୍ତ ବ୍ୟାଙ୍କ ଶାଖା ଉପରେ ରଥଗଡ଼ା, କୈବଲ୍ୟ ବଜାର ପରିବା ମାର୍କେଟ ବ୍ୟବସାୟୀଙ୍କ ସମେତ ବିଭିନ୍ନ ବାଣିଜ୍ୟିକ ସଂସ୍ଥା ନିର୍ଭର କରିଥାନ୍ତି। ତେବେ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରି ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଯୋଜନା କରାଯାଉଛି। ଏ ଦିଗରେ ଧ୍ୟାନ ଦେବାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, କବି ବାହାଦୁର ପାଟସାହାଣୀ, ସରୋଜ ଶତପଥୀ, ରୁଦ୍ର ପ୍ରକାଶ ଶରଣ, ପୀତବାସ ସାହୁ, ଅବିନାଶ ଦାସ, ସନ୍ତୋଷ ସାହୁ, ସମ୍ବିତ୍ ଦାସ ପ୍ରମୁଖ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ବିକ୍ଷୋଭରେ ସାମିଲ ହୋଇଥିବା ଅଞ୍ଚଳବାସୀ।

# ସହକାରୀ ନିର୍ଦ୍ଦେଶକଙ୍କ ଅବସର



ପ୍ରଶାନ୍ତ କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୦।୨**

ରାଜ୍ୟ ଶିକ୍ଷା ଓ ଗବେଷଣା ପରିଷଦର ସହକାରୀ ନିର୍ଦ୍ଦେଶକ ତଥା ଢେଙ୍କାନାଳ ଡିଆଇଇଟିର ପୂର୍ବତନ ଶିକ୍ଷକ ପ୍ରଶିକ୍ଷଣ ଅଧିକାରୀ ପ୍ରଶାନ୍ତ କୁମାର ରଥଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡିଆଇଇଟି ପ୍ରାକ୍ତନ ଅଧକ୍ଷା ଡ. ସୁସନ୍ଧ୍ୟା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ଅନୁନିରୀକ୍ଷକ ରାମଚନ୍ଦ୍ର କରଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରବିନ୍ ଶତପଥୀ, ଶିକ୍ଷୟିତ୍ରୀ ଅସୀମା ସାହୁ, ଶିକ୍ଷକ ପ୍ରଶିକ୍ଷକ ତ୍ରିଲୋଚନ ସ୍ୱାଇଁ, କଲ୍ୟାଣୀ ସାହୁ, ସୌମ୍ୟା ପଟ୍ଟନାୟକ, ହରପ୍ରିୟା ପୃଷ୍ଟି ପ୍ରମୁଖ ତାଙ୍କର କର୍ମମୟ ଜୀବନ ସମ୍ପର୍କରେ ମତ ରଖିଥିଲେ। ଜଣେ ଛାତ୍ରବତ୍ସଳ, କଳାପ୍ରେମୀ, ସାହିତ୍ୟାନୁରାଗୀ ମଣିଷ ଭାବେ ତାଙ୍କ କାର୍ଯ୍ୟାବଳୀ ସବୁବେଳେ ମନେରହିବ ବୋଲି ମତ ପ୍ରକାଶ ପାଇଥିଲା। ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କୃଶିଦା ବେଗମ୍, ଶିକ୍ଷୟିତ୍ରୀ ସ୍ମିତା ପଟ୍ଟନାୟକ, ଶିକ୍ଷକ ଚତୁର୍ଭୁଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ‘ମଗଜି’ ମାନ୍ୟତା ବିଚାରାଧୀନ




ଅତିଥି ମଗଜି ଲଡୁ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୨**

ଢେଙ୍କାନାଳସ୍ଥିତ ପୁରୁଣା ଜିଲା ପରିଷଦ ସଭାଗୃହରେ ରବିବାର ସନ୍ଧ୍ୟାରେ ରେନେଶା ୟୁନିଭର୍‌ସାଲ ପକ୍ଷରୁ ‘ଢେଙ୍କାନାଳ ମଗଜି’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି କହିଲେ, ଢେଙ୍କାନାଳର ମଗଜି ଲଡୁ ୧,୩୦୦ ଶତାବ୍ଦୀରୁ ଲୋକପ୍ରିୟତା ହାସଲ କରିଛି। ଏହାକୁ ଜିଆଇ ଟ୍ୟାଗ୍ ପ୍ରଦାନ ପାଇଁ ଢେଙ୍କାନାଳ ସୁଇଟ୍ସ ଆସୋସିଏଶନ ପକ୍ଷରୁ ଓୟୁଏଟିର ଜିଆଇ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇଥିଲା। ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟରେ ବିଚାରାଧୀନ ଅଛି। ମିଠାର ପ୍ରାମାଣିକ ତଥ୍ୟ ସହ ୨୮ରୁ ଊର୍ଦ୍ଧ୍ୱ ପ୍ରଶ୍ନର ଉତ୍ତର ଓ ଏହାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇଛି। ମଇଁଷି କ୍ଷୀରରୁ ପ୍ରସ୍ତୁତ ଛେନା, ଚିନି ଓ ଗୁଜୁରାତି ମିଶାଇ ଏହାକୁ ତିଆରି କରାଯାଇଥାଏ। ଗଁଦିଆ ବ୍ଲକ କାଶୀପୁର, ଷଡ଼ଙ୍ଗୀ, ଗଁଦିଆ, ବିଧାରପୁର, ଦେଓଗାଁ ସମେତ ଅନ୍ୟାନ୍ୟ ସ୍ଥାନରେ ଏହି ପାରମ୍ପରିକ ମିଠା ବିକ୍ରି ହେଉଛି। ଏହାକୁ ବାଲେଶ୍ୱର ଜିଲାର ତତ୍କାଳୀନ ଜିଲାପାଳ ଜନ୍ ବିମ୍ସଙ୍କୁ ବ୍ୟାସକବି ଫକୀର ମୋହନ ସେନାପତି ପ୍ରଦାନ କରିଥିଲେ ବୋଲି ଡ. ମହାନ୍ତି ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇଏମ୍‌ସି ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟ୍ଟାର୍ଜୀ ଯୋଗଦେଇଥିଲେ। ଓଏମ୍‌ସି ସାଧାରଣ ପରିଚାଳକ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ରେନେସା ୟୁନିଭରସାଲ ଜିଲା ଶାଖା ସଭାପତି ବିରଞ୍ଚି ନାରାୟଣ ପାଣି, ବିରଞ୍ଚି ନାରାୟଣ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମାନନ୍ଦ ସ୍ମୃତି ନାଇଟ୍ କ୍ରିକେଟ୍ ଉଦ୍‌ଘାଟିତ

**ଭୁବନ, ୨୦।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମ୍‌ରେ ସୋମବାରଠାରୁ ଆରମ୍ଭ ହୋଇଛି ବ୍ରହ୍ମାନନ୍ଦ ସ୍ମୃତି ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି କ୍ରିକେଟର ଅମିତାଭ ସାହୁ ଉପସ୍ଥିତ ଥିଲେ। ଭୁବନ ଅଞ୍ଚଳରେ କ୍ରିକେଟ୍‌ର ଲୋକପ୍ରିୟତା ବଢ଼ାଇବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବା ଲାଗି ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଏଥିରେ ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଜୁନିୟର, ଲିଜେଣ୍ଡ ଏବଂ ସିନିୟର ଗ୍ରୁପ୍‌କୁ ନେଇ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଏମ୍‌ପି ମହେଶ ସାହୁ ଉଦ୍‌ବୋଧନ ଦେଉଛନ୍ତି।

# ଗ୍ରାମାଞ୍ଚଳରେ ଆବାସ ତାତି: ବ୍ଲକ ଅଫିସ ଘେରିଲା ଭାଜପା



ପରଜଙ୍ଗରେ ବିକ୍ଷୋଭରେ ସାମିଲ ହୋଇଥିବା ଭାଜପା କର୍ମୀ।

**କାମାକ୍ଷାନଗର/ପରଜଙ୍ଗ, ୨୦।୨(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଳେଙ୍କାରୀ କରାଯାଇଥିବା ଅଭିଯୋଗ ଆଣି କାମାକ୍ଷାନଗର ଓ ପରଜଙ୍ଗ ଭାଜପା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପିଏମ୍ ଆବାସ ତାଲିକାରେ ହୋଇଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳୀୟ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

କାମାକ୍ଷାନଗରରେ ବରିଷ୍ଠ ଭାଜପା ନେତା ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ମହିମା ଟୁଙ୍ଗୀଠାରୁ ଏକ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମ କରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପ୍ରତିବାଦ ସଭାରେ ବରିଷ୍ଠ କର୍ମକର୍ତ୍ତା ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶାସକ ବିଜେଡି ଉପରେ ବର୍ଷିଥିଲେ। ଯୁବନେତା ସରୋଜ ବେହେରା, ପ୍ରେମାନନ୍ଦ ଜେନା, ପବିତ୍ର ବିଶ୍ୱାଳ, ପ୍ରମୋଦ ନନ୍ଦ, ରବିନାରାୟଣ ସାହୁ, ସନ୍ଦୀପ ପଟ୍ଟନାୟକ, ଚନ୍ଦନ ବେହେରା, ସଞ୍ଜୟ ରାଉତ, ପ୍ରସାଦ ସେଠୀ, ଶିଶିରକାନ୍ତ ନାୟକ, ରବିନାରାୟଣ ସାହୁ, ମୀନକେତନ ନାୟକ, ଶିବପ୍ରସାଦ ସାହୁ, ଦୀପକ ପାତ୍ର, ମୁରଲୀଧର ବିଶ୍ୱାଳ, ରଞ୍ଜିତ୍ ସାହୁ, ରଞ୍ଜନ ବିଶ୍ୱାଳ, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଦାବିପତ୍ର ବିଡିଓ ବିକାଶ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା।

ସେହିପରି ପରଜଙ୍ଗରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ ଓ ପ୍ରଭାରୀ ମାତୃପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ଦଳବେହେରା, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସ୍ଥାନୀୟ ଶିବ ମନ୍ଦିରଠାରୁ ବାହାରିଥିବା ଶୋଭାଯାତ୍ରା ବଜାର ପରିକ୍ରମା କରି ବ୍ଲକ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ତାଲିକାରେ ସାମିଲ କରିବା ଲାଗି ନେତୃବୃନ୍ଦ ଦାବି କରିଥିଲେ। ଏହି ଅବସରରେ ଏକ ସ୍ମାରକ ପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।



କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ନେତା, କର୍ମୀଙ୍କ ଧାରଣା।

